# ରାଉରକେଲା ମହାନଗର ନିଗମ, ରାଉରକେଲା

ଇ.ମେଲ.ଆଇଡ଼ିରାଉରକେଲା ମ୍ୟୁନିସିପାଲିଟି ଆଟ୍‌ଦିରେଟ୍ ଜିମେଲ.କମ୍ ଟେଲିଫୋନ୍ ନଂ-୦୬୬୧-୨୪୦୦୩୮୮ ପିନ୍-୭୬୯୦୧୨

**ପତ୍ରସଂଖ୍ୟା --6731-- ତାରିଖ--24.5.2017**

## ଗୃହ ଟିକସ ଉପରେ ବିଶେଷ ରିହାତି

**ଏତଦ୍ୱାରା ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡ଼ର କରଦାତା ମାନଙ୍କୁ ଜଣାଇ ଦିଆଯାଉଅଛି ଯେ ବିଗତ ବର୍ଷ ଭଳି ଯେଉଁମାନେ** 2017-18 ବର୍ଷ ନିମନ୍ତେ ବାର୍ଷିକ ଅଗ୍ରୀମ ଘର (ହୋଲଡ଼ିଂ) ଟିକସ ଏକ କିସ୍ତିରେ ଆସନ୍ତା ତା 1.5.2017 ରିଖ ଠାରୁ ତା 31.05.2017 ରିଖ ମଧ୍ୟରେ ସରକାରୀ ଛୁଟି ଦିବସ ବ୍ୟତୀତ ପୈଠ କରିବେ ସେମାନଙ୍କୁ ଓଡ଼ିଶା ମହାନଗର ଅଧିନିୟମଧାରା 257(2) ଅନୁଯାୟୀ ଶତକଡ଼ା 5% (ପାଂଚ) ହାରରେ ରିହାତି ପ୍ରଦାନ କରାଯିବ। ଏହି ରିହାତି ଟିକସ ସମସ୍ତ ସରକାରୀ ଓ ବେସରକାରୀ ଗୃହ ମାନଙ୍କ ପାଇଁ ପ୍ରଯୁର୍ଯ୍ୟ ଅଟେ। ଯେଉଁ ଗୃହ ମାଲିକମାନେ 2016-17 ବର୍ଷ ପର୍ଯ୍ୟନ୍ତ ଗୃହ ଟିକସ ପୈଠ କରିଥିବେ ସେମାନେ 2017-18 ବର୍ଷର ଅଗ୍ରୀମ ଟିକସ ପୈଠ ଉପରେ ରିହାତି ପାଇପାରିବେ। ବକେୟା ରଖିଥିବା ସମସ୍ତ ଗୃହ ଟିକସ ଦାତା ସେମାନଙ୍କର ସମସ୍ତ ବକେୟା ଗୃହ ଟିକସ ପୈଠ କରି ଏହି ଅଗ୍ରୀମ ଟିକସ ପ୍ରଦାନ ଉପରେ ରିହାତିର ସୁଯୋଗ ନେଇପାରିବେ।

ଗୃହ ମାଲିକ ତଥା ଟିକସ ଦାତା ମାନେ ସମ୍ପୃକ୍ତ ଅଂଚଳର ଟିକସ ସଂଗ୍ରହକଙ୍କ ପାଖରେ ଟିକସ ପୈଠ କରିପାରିବେ ଏବଂ ମହାନଗର ନିଗମ କାର୍ଯ୍ୟାଳୟ ରେ ଦିବା 9.00 ଘଟିକା ଠାରୁ 1.00 ଘଟିକା ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟକାରୀ ଦିବସରେ ଟିକସ ପୈଠ କରିପାରିବେ। ଅଗ୍ରୀମ ଟିକସ ପୈଠ ନିମନ୍ତେ 2016-17 ବର୍ଷ ରି ଟିକସ ଦାଖଲ ହୋଇଥିବା ରସିଦ ସାଙ୍ଗରେ ଆଣିବା ନିମନ୍ତ ଅନୁରୋଧ କରାଯାଉଅଛି।

ଚଳିତ ବର୍ଷ ଆପଣଙ୍କର ଟିକସ ଆଦାୟରେ ସହଯୋଗ ମହାନଗର ନିଗମର ସହରବାସୀଙ୍କୁ ଉନ୍ନତମାନର ସେବା ଯୋଗାଇ ଦେବାରେ ସହାୟକ ହେବ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

**ଜ୍ଞାପକ ସଂଖ୍ୟା--6732--ତା--24.5.2017**

ଏହି ବିଜ୍ଞପ୍ତିର ନକଲ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ବିଜ୍ଞାପନ ଫଳକ ରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା।

ଏହାର ଏକକିତା ନକଲ ବିତ ଅଧିକାରୀ/ମୁଖ୍ୟ ସହାୟାକ/ହିସାବ ରକ୍ଷକ/କୋଷାଧ୍ୟକ୍ଷ/ଟିକସ ଆଦାୟକାରୀ ଙ୍କ ଅବଗତି ନିମାନ୍ତ ଜଣାଇ ଦିଆଗଲା।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

**ଜ୍ଞାପକ ସଂଖ୍ୟା--6733--ତା--24.5.2017**

ଏହାର ଏକକିତା ନକଲ ସମ୍ପାଦକ, ସମାଜ / ଦୈନିକ ଜାଗରଣ (ହିନ୍ଦି) ---- ରାଉରକେଲାଙ୍କୁ ତାଙ୍କ ଦୈନିକ ଖବର କାଗଜରେ ଏକଦିନ ପ୍ରକାଶନ ପାଇଁ ଅନୁରୋଧ କରାଗଲା।

ଆୟୁକ୍ତ
ରାଉରକେଲା ମହାନଗର ନିଗମ